# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 6 September – 2026

***********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରି ରାଜ୍ୟର ବିକାଶ ଓ କଲ୍ୟାଣ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲେ ରାଜ୍ୟପାଳ
- କଟକଠାରେ ଚାଲିଥିବା ଭାରତୀୟ ଜନତା ପାର୍ଟିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ

– ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

- ବିଭିନ୍ନ ସ୍ଥାନର ଇଂରାଜୀ ବନାନର ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

## ରାଜ୍ୟପାଳ–ରାଷ୍ଟ୍ରପତି ସାକ୍ଷାତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ନୂଆଦିଲ୍ଲୀରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଓଡ଼ିଶାର ବିକାଶ ଏବଂ ରାଜ୍ୟବାସୀଙ୍କ କଲ୍ୟାଣ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି। ପୂର୍ବରୁ ରାଜ୍ୟପାଳ’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍‌ଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଓଡ଼ିଶାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟପାଳ ତିନିଦିନିଆ ନୂଆଦିଲ୍ଲୀ ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଆଜି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି।

Kataka

## ବିଜେପି କାର୍ଯ୍ୟକାରିଣୀ ବୈଠକ

କଟକସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ରେ ଭାରତୀୟ ଜନତା ପାର୍ଟିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମ୍ପ୍ରତିକ, ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯାଇଛି। ବୈଠକରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଳ ସିଂହ ତୋମାର, ସହ–ପ୍ରଭାରୀ ଲତା

ଉପଶ୍ରେଣୀ, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକ ସମ୍ପର୍କରେ ସାଂସଦ ସମ୍ବିତ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହିତ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ ଦଳୀୟ କର୍ମୀଙ୍କୁ ମାର୍ଗଦର୍ଶନ ଦେଇଛନ୍ତି। ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି...- **V/O** –

Desk

## ପ୍ରତ୍ନତାତ୍ତ୍ୱିକସ୍ଥଳୀ ପରିଦର୍ଶନ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶାର ପ୍ରାଚୀନ ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବରଗଡ଼ ଜିଲ୍ଲାର ବରପାଲି ନିକଟସ୍ଥ ପ୍ରାୟ ୨୦୦୦ ବର୍ଷ ପୁରୁଣା ଅସୁରଗଡ଼ ପ୍ରତ୍ନତାତ୍ତ୍ୱିକସ୍ଥଳୀ ପରିଦର୍ଶନ କରି ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି, ହରପ୍ପା ଓ ମହେଞ୍ଜୋଦାର ଭଳି ସମ୍ବଲପୁର ଅଞ୍ଚଳରେ ଅନେକ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ରହିଛି। ଏହି ସମସ୍ତ ସ୍ଥଳୀକୁ ଲୋକଲୋଚନକୁ ଆଣିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇତିହାସବୋଧ ବୃଦ୍ଧି ପାଇବା ସହ ପର୍ଯ୍ୟଟନର ବିକାଶ ଏବଂ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ପ୍ରଗତିକୁ ଏକ ନୂତନ ଦିଗ ମିଳିବ। ପ୍ରାଚୀନ ଐତିହ୍ୟକୁ

ସଂରକ୍ଷିତ ରଖିବା ଏବଂ ଆଗାମୀ ପିଢ଼ିଙ୍କ ନିକଟରେ ପହଁଞ୍ଚାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Desk

## ଅନୁସୂଚିତ ଜନଜାତି

ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ଅଧ୍ୟକ୍ଷ ଅନ୍ତରସିଂହ ଆର୍ଯ୍ୟ ଆଜି ଓଡ଼ିଶା ଗସ୍ତରେ ଆସି ପହଁଞ୍ଚିଛନ୍ତି। ଆସନ୍ତା ମଙ୍ଗଳବାର ଦିନ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଗସ୍ତ ସମୟରେ ରାଜ୍ୟର ଅନୁସୂଚିତ ଜନଜାତିଙ୍କ ବିଭିନ୍ନ ସମସ୍ୟା, ଅଧିକାର ଓ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

Desk

## ରାଷ୍ଟ୍ରୀୟ ପୋଷଣ ମାସ

ସୁସ୍ଥ ଜୀବନ ପାଇଁ ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆସନ୍ତା ବୁଧବାରଠାରୁ ଅକ୍ଟୋବର ମାସ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପୋଷଣ ପ୍ରଦର୍ଶନୀ, ଆଲୋଚନାଚକ୍ର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ଶିଶୁଙ୍କ ସୁସ୍ଥ ବିକାଶ ଏବଂ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ  ପୋଷଣଯୁକ୍ତ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କ ଥାଳିରେ ଖାଦ୍ୟର ବିବିଧତା ବୃଦ୍ଧି ପାଇଲେ ସେମାନଙ୍କ ସୁସ୍ଥ ବିକାଶର ସମ୍ଭାବନା ସେତେ ଦୃଢ଼ ହେବ ବୋଲି

ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗର୍ଭାବସ୍ଥା ଓ ପ୍ରସବ ପରବର୍ତ୍ତୀ ସମୟରେ ମା'ଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଯଥୋଚିତ ଯତ୍ନ ଏବଂ ସୁସ୍ଥ ଶିଶୁର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ମମତା– ପି.ଏମ୍.ଏମ୍.ଭି.ଓ୍ୱାଇ ଯୋଜନା ମାତୃତ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ଓ ସଚେତନତା ସୃଷ୍ଟି କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛି। ପର୍ଯ୍ୟାପ୍ତ ପୋଷଣ ଏବଂ ଶୈଶବର ପ୍ରାରମ୍ଭିକ ଯତ୍ନ ଶିଶୁର ମସ୍ତିଷ୍କ ବିକାଶ, ଶିକ୍ଷା ଓ ବିଦ୍ୟାଳୟ ପାଇଁ ପ୍ରସ୍ତୁତିର ଏକ ଦୃଢ଼ ମୂଳଦୁଆ।

BBSR/R

## ସଂଶୋଧିତ ନାମ

ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାମ ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ି ସମସ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ମାସ ୨୨ ତାରିଖରେ ରାଜ୍ୟ ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିଭଳି ବେସରକାରୀ ଓ ଅଣସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ୬ ମାସର ସମୟସୀମା ରଖାଯାଇଛି। ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା

ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

Kendrapada

## ରେଳଷ୍ଟେସନ୍ କ୍ଷେତ୍ର ସମୀକ୍ଷା

ହରିଦାସପୁର ରେଳ ପ୍ରକଳ୍ପର ବାଜିପଡ଼ା ରେଳଷ୍ଟେସନ୍‌ର ବିଭିନ୍ନ ସମସ୍ୟାକୁ ପୂର୍ବତଟ ରେଳବାଇର ଏକ ଦଳ ପହଁଞ୍ଚି  କ୍ଷେତ୍ର ସମୀକ୍ଷା କରିଛନ୍ତି । ପାରାଦ୍ୱୀପ–ହରିଦାସପୁର ରେଳପ୍ରକଳ୍ପର କମ୍ପାନୀ ସେକ୍ରେଟାରୀ ସୁଶାନ୍ତ ଶତପଥୀ, ରେଳବିକାଶ ନିଗମ ଲିମିଟେଡ ମ୍ୟାନେଜର ମାଇକେଲ ଟେଟେଙ୍କ ସହ କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ମିଳିତ ଭାବେ ସମସ୍ୟାର ଅନୁଧ୍ୟାନ କରିଛନ୍ତି । ବାଜିପଡ଼ା ରେଳଷ୍ଟେସନ୍‌ରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ଉଭୟ ରେଳ ଏବଂ ଡ୍ରେନେଜ୍ ବିଭାଗ ଅଧିକାରୀମାନେ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ହରିଦାସପୁର–ପାରାଦ୍ୱୀପ ରେଳପଥର ଉଭୟ ପାର୍ଶ୍ୱରୁ ଜଳ ନିଷ୍କାସନ ବଳଭଦ୍ରପୁର ଶିଳ୍ପାଞ୍ଚଳ ନିକଟରେ ରେଳଷ୍ଟେସନ୍‌ର ବିକାଶ ବନ୍ୟା ନିୟନ୍ତ୍ରଣ ପାଇଁ ମନ୍ତ୍ରିପଡ଼ାଠାରେ ପାଟ ନାଳିବନ୍ଧ ସୁଦୃଢ଼ୀକରଣ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ନେଇ ସ୍ଥାନୀୟ ଲୋକଙ୍କ ମତାମତ ଗ୍ରହଣ କରାଯାଇଛି ।

Desk

## ଜନଅଭିଯୋଗ ଶୁଣାଣି ଶିବିର

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ଭୁବନେଶ୍ୱର ୟୁନିଟ୍-୨ଠାରେ ହେବାକୁ ଥିବା ଅଭିଯୋଗ ଶୁଣାଣିକୁ

ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସ୍ଥଗିତ ରଖାଯାଇଛି ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

Desk

# ଶ୍ରୀଜୀଉଙ୍କ ବଣଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାର ଆଜି ଦଶମୀ ତିଥି ଅବସରରେ ଠାକୁରଙ୍କର ବଣଭୋଜି ବେଶ ଅନୁଷ୍ଠିତ ହେଉଛି । ଗୋପଲୀଳା ସମୟରେ କୃଷ୍ଣ ଓ ବଳରାମ ଗାଇବାଛୁରୀଙ୍କୁ ନେଇ ବଣଭୋଜି ପାଇଁ ଯାଇଥିବାର ପୁରାଣ ବର୍ଣ୍ଣନା ଆଧାରରେ ଠାକୁରଙ୍କର ଏହି ବେଶ ଅନୁଷ୍ଠିତ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କର ବେଶ ପ୍ରକ୍ରିୟା ଆରମ୍ଭ ହୋଇଛି। ପରେ କୋଳିବିକା, ବକାସୁର ଓ ଅର୍ଘାସୁର ବଦ୍ଧ ନୀତି ଅନୁଷ୍ଠିତ ହେବ।

Boudh

## ବାଲ୍ୟବିବାହ ବିରୋଧୀ ଅଭିଯାନ

ବାଲ୍ୟ ବିବାହ ଉଚ୍ଛେଦ ପାଇଁ 'ଜଷ୍ଟ ରାଇଟ୍ ଫର୍ ଚିଲଡ୍ରେନ' ଅଭିଯାନକୁ ଜାତିସଂଘର ଐତିହାସିକ ସ୍ୱୀକୃତି ମିଳିଛି। ନଭେମ୍ବର ୨୭ ତାରିଖକୁ ଶିଶୁ, ପ୍ରାରମ୍ଭିକ ଓ ବାଧ୍ୟତାମୂଳକ ବିବାହ ଉଚ୍ଛେଦ ପାଇଁ ଆନ୍ତର୍ଜାତୀୟ ଦିବସ ଭାବେ ଘୋଷଣା କରାଯାଇଛି। ଏହି ପଦକ୍ଷେପକୁ ସ୍ୱାଗତ କରି ବୌଦ୍ଧ ଜିଲ୍ଲା ପୁରୁଣା କଟକ କଲ୍ୟାଣ ମଣ୍ଡପଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବାଲ୍ୟବିବାହ ଉଚ୍ଛେଦରେ ଶିକ୍ଷକଙ୍କ

ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ବାଲ୍ୟବିବାହ ରୋକିବା ପାଇଁ କେବଳ ଆଇନ ନୁହେଁ ବିଦ୍ୟାଳୟ, ପଞ୍ଚାୟତ, ଅଭିଭାବକ ଓ ସମୁଦାୟର ସକ୍ରିୟ ଭୂମିକାର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

Malkangiri

# ଫୁଟବଲ ଚୟନ

ମାଲକାନଗିରି ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ସାହାଣୀ କପ୍ ଫୁଟବଲ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ କ୍ରୀଡ଼ାବିତ୍‌ମାନଙ୍କୁ ଶୃଙ୍ଖଳାର ସହ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ୧୨୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବାବେଳେ ୩୦ଜଣ କ୍ରୀଡ଼ାବିତ୍‌ଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି।

Desk

# ବ୍ୟାଡମିଣ୍ଟନ

ଭୁବନେଶ୍ୱର ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମଠାରେ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହେଉଛି। ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ଟି ରାଜ୍ୟର ୨୨୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ଏକକ, ଯୁଗଳ ଓ ମିଶ୍ରିତ ବର୍ଗରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଛି।

Desk

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଉତ୍ତର, ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଶୁକ୍ରବାର ସୁଦ୍ଧା ଉତ୍ତର, ଉପକୂଳ, ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଅନ୍ୟପକ୍ଷେ ମୌସୁମୀ ଦୁର୍ବଳ ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା ବୃଦ୍ଧି ପାଇଛି।